# Telephone conversation between External Affairs Minister, Dr. S. Jaishankar and the U.S. Secretary of State Antony J. Blinken

January 29, 2021

## ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ଜେ ବ୍ଲିଙ୍କେନଙ୍କ ମଧ୍ୟରେ ଟେଲିଫୋନରେ ବାର୍ତ୍ତାଳାପ

**ଜାନୁଆରୀ 29, 2021**

ଆଜି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ଜେ ବ୍ଲିଙ୍କେନଙ୍କ ସହ ଟେଲିଫୋନରେ ବାର୍ତ୍ତାଳାପ କରିଛନ୍ତି। ବୈଦେଶିକ ସଚିବ ଭାବେ ନିଯୁକ୍ତି ପାଇଁ ବ୍ଲିଙ୍କେନଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କୁ ଏହି ନୂତନ ଦାୟିତ୍ୱରେ ସଫଳତା କାମନା କରିଛନ୍ତି।

ବହୁମୁଖୀ ରଣନୀତିକ ଭାଗିଦାରୀକୁ ମଜବୁତ କରିବା ତଥା ବିସ୍ତାର କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ସଚିବ ବ୍ଲିଙ୍କେନ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଦୃଢ ପ୍ରତିରକ୍ଷା ଏବଂ ସୁରକ୍ଷା ସମ୍ପର୍କ, ବୃଦ୍ଧି ପାଉଥିବା ଅର୍ଥନୈତିକ ଭାଗିଦାରୀ, ଫଳପ୍ରଦ ସ୍ୱାସ୍ଥ୍ୟ-ସେବା ସହଯୋଗ ଏବଂ ଲୋକମାନଙ୍କ ମଧ୍ୟରେ ଦୃଢ ସଂପର୍କକୁ ଦୁଇ ଦେଶ ମଧ୍ୟରେ ରଣନୀତିକ ଭାଗିଦାରୀର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ସେମାନେ ପ୍ରଶଂସା କରିଥିଲେ।

କୋଭିଡ ପରବର୍ତ୍ତୀ ବିଶ୍ୱର ଆହ୍ୱାନଗୁଡିକ ଚିହ୍ନଟକରି ନିରାପଦ ତଥା ସୁଲଭ ମୂଲ୍ୟରେ ଟୀକା ଯୋଗାଣ ସମେତ ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ସେମାନେ ସହମତ ହୋଇଥିଲେ। ବିଶେଷକରି ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି ଏବଂ ନିରାପତ୍ତା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

ଦୁଇ ମନ୍ତ୍ରୀ ଘନିଷ୍ଠ ସମ୍ପର୍କରେ ରହିବାକୁ ଆଗ୍ରହ ପ୍ରକାଶ କରିଥିଲେ।

**ନୂଆଦିଲ୍ଲୀ**

**ଜାନୁଆରୀ 29, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.